# Akashvani, Sambalpur

## SAMBALPURI NEWS BULLETIN

### 2 February 2026 – 6.47- 6.52 am.

*****************************************************

ରାଷ୍ଟ୍ରପତି ପୁରୀ ଗସ୍ତ ବୈଠକ୍        ଆର୍ଏନ୍ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ଠାନୁ ଓଡ଼ିଶା ଗସ୍ତଥି ଆସୁଛନ୍ । ଆଏଜ୍ ସଞ୍ଜ୍ବେଲେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବ୍ନେଶ୍ୱର୍ ନ ପୁହୁଁଚିବେ । ଇତାର୍ ଉତ୍ରୁ ଆଏବାକାଏଲ୍ ସଖାଳର୍ ୭ ବଜେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୁରୀ ଶ୍ୱେତଗଙ୍ଗା ନ ପିତୃପୁରୁଷଙ୍କର୍ ଉଦ୍ଦେଶ୍ୟଥି ପିଣ୍ଡଦାନ୍ କରବାର୍ କାର୍ଯ୍ୟସୂଚୀ ରହିଛେ । ୭ ବାଜିକରି ୪୦ ମିନିଟ୍ଥି ରାଷ୍ଟ୍ରପତି ମାହାପ୍ରୁଭୁମାନ୍କର୍ ଦର୍ଶନ୍ କର୍ବେ । ଦର୍ଶନ୍ ସାରିକରି ରାଷ୍ଟ୍ରପତି ୮ ବାଜିକରି ୨୦ ମିନିଟ୍ ବେଲ୍କେ ଶ୍ରୀମନ୍ଦିର୍ନୁ ବାହାରିବେ ବଲି ସୂଚ୍ନା ମିଳିଛେ । ଇତାର୍ଉତ୍ରୁ ବାଲେଶ୍ୱର୍ ଫକୀର୍ମୋହନ୍ ବିଶ୍ୱବିଦ୍ୟାଳୟର୍ ସମାବର୍ତ୍ତନ୍ ଉତ୍ସବ୍ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ୪ ତାରିଖ୍ ଦିନ ରାଷ୍ଟ୍ରପତି ରାଇରଙ୍ଗ୍ପୁର୍ ନ ଭଞ୍ଜବୀର ସୁନାରାମ୍ ସୋରେନ୍ଙ୍କର୍ ପ୍ରତିମୂର୍ତ୍ତିକେ ଉନ୍ମୋଚନ୍ କର୍ବେ । ୬ ତାରିଖ୍ ଶିମିଲିପାଲ୍ ନ ଆଦିବାସୀ ମହିଳା ଆଉ ଯୁଆନ୍ ପିଲାକର୍ ସାଙ୍ଗେ ଭାବ

ବିନିମୟ କର୍‌ବେ । ଇତାର୍ ଉତ୍‌ରୁ ରାଷ୍ଟ୍ରପତି ଫିରିଯିବାର୍ କାର୍ଯ୍ୟସୂଚୀ ରହିଥିବାର୍ ରାଷ୍ଟ୍ରପତିଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ମିଳିଛେ ।

ଏସ୍‌ଏଚ୍‌ଜି -ଋଣ ସୁଧ              ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ସ୍ୱୟଂ ସହାୟକ ଗୋଷ୍ଠୀ- ଏସ୍‌ଏଚ୍‌ଜିର ମହିଳାମାନ୍‌କୁ ଦିଆଯାଉଥିବା ଋଣ ଉପ୍‌ରେ ଆଏଜ୍ ସୁଧ ଟଙ୍କା ଫିରାଯିବା । ଭୁବ୍‌ନେଶ୍ୱର୍ ପୋଖରୀପୁଟ୍ ନ ଥିବା ମିଶନ୍ ଶକ୍ତି ଭବନ୍ ସମ୍ମିଳନୀ କକ୍ଷ ନ ଆଏଜ୍ ସଖାଲ୍‌ବେଲା ହେବାର୍‌କେ ଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇ ଟଙ୍କା ଫିରାବେ ବଲି ସୂଚ୍‌ନା ମିଳିଛେ ।

ଓଡ଼ିଶା ପରବ୍                ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଆସାମ୍‌ର ଗୌହାଟୀ ନ ଚାଲିଥିବା ୩ ଦିନିଆ ଓଡ଼ିଶା ପରବ୍ -୨୦୨୬ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ୩ ଦିନ୍ ଧରିକରି ଚାଲିଥିବା ପ୍ରଦର୍ଶନୀଥି ଓଡ଼ିଶାର୍ କଲା, ହସ୍ତତନ୍ତ, ବୟନଶିଳ୍ପ ଆଉ ଖାନ୍‌ପାନ୍ ପ୍ରଦର୍ଶିତ୍ ହେଇଥିଲା । ଇତାର୍‌ସହେତେ ବହୁତ୍‌ଟେ ନିବେଶକ୍ ଓଡ଼ିଶାର୍ ପର୍ଯ୍ୟଟନ୍ କ୍ଷେତ୍ରଥି

ପୁଞ୍ଜିନିବେଶ୍ ଲାଗି ଆଗ୍ରହ ପ୍ରକାଶ୍ କରିଛନ୍ । ଆସାମ୍ ଆଉ ଉତରପୂର୍ବର୍ ଟୁର୍ ଅପରେଟର୍ ମାନ୍‌କର୍ ସହେତେ ଓଡ଼ିଶା ପର୍ଯ୍ୟଟନ୍ ଅଧିକାରୀମାନେ ଯୋଗାଯୋଗ ଆଉ ମିଳିତ ପର୍ଯ୍ୟଟନ୍ ପ୍ରୋତ୍ସାହନ୍ ଉପ୍‌ରେ ଆଲୋଚନା କରିଥିଲେ ।

ବଜେଟ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗଲାକାଏଲ୍ ଲୋକ୍‌ସଭା ନ କେନ୍ଦ୍ରୀୟ ବଜେଟ୍ -୨୦୨୬-୨୭ ଉପସ୍ଥାପନ୍ କରିଛନ୍ । ଇ ବଜେଟ୍‌ଥି ଦେଶର୍ ଆର୍ଥିକ୍ ବିକାଶ୍, ଢାଂଚାଗତ ଉନ୍ନତି, ଶିଳ୍ପ, କୃଷି ଆଉ ଉତ୍ପାଦନ୍‌କେ ପ୍ରୋତ୍ସାହନ୍ ଦେବାର୍ ଉପ୍‌ରେ ଖାସ୍ ଗୁରୁତ୍ୱ ଦିଆଯାଇଛେ । ଇ ବାବ୍‌ଦେ ଅବସରପ୍ରାପ୍ତ ପ୍ରଫେସର୍ ଅଜୟ ମିଶ୍ର ତାଙ୍କର୍ ପ୍ରତିକ୍ରିୟାଥି କହିଛନ୍...
(ଭଏସ୍ ଓଭର୍- ପ୍ରଫେସର୍ ଅଜୟ ମିଶ୍ର)

ଯୋରନ୍ଦା ମେଳା        ଢେଙ୍କାନାଲ୍ ସମ୍ବାଦଦାତା

ଢେଙ୍କାନାଲ୍ ଜିଲ୍ଲା ଯୋରନ୍ଦା ମହିମା ଗାଦୀ ନ ଚାଲିଥିବା ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳାଥି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଲାକାଏଲ୍ ଯୋଗ୍ ଦେଇକରି ମହିମା ପୀଠର୍ ବିକାଶ୍

ଲାଗି ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ କରିଛନ୍ । ପାଠ ନ  ୨ ଶହ ୪୦ କୋଟି ଟଙ୍କା ଖର୍ଚ୍ଚାଥି ୨ ଶହ ୬୩ ଫୁଟ୍ ଉଚା ଗୁଟେ ମନ୍ଦିର୍ ତିଆର୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ଇତାର୍ସହେତେ ଯୋରନ୍ଦା ମହାବିଦ୍ୟାଳୟର୍ ଉନ୍ନତି ଲାଗି ୨ କୋଟି ଟଙ୍କା ଦିଆଯାଇଛେ ।

ଜେଇଇ ମେନ୍       ଆର୍ଏନ୍ୟୁ/ ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା- ଜେଇଇ ମେନ୍-୨୦୨୬ ସେସନ୍ -୨ ଲାଗି ଅନ୍ଲାଇନ୍ ଆବେଦନ୍ ପ୍ରକ୍ରିୟା ମୁଲ୍ ହଇଛେ । ଆବେଦନ୍ ପ୍ରକ୍ରିୟା ଆଏବା ୨୫ ତାରିଖ୍ତକ୍ ଚାଲ୍ବା । ଇ ସମିଆ ଭିତ୍ରେ ଆପ୍ଲିକେସନ୍ ୱିଣ୍ଡୋ ଖୁଲ୍ବାର୍କେ ନେସ୍ନାଲ୍ ଟେଷ୍ଟିଂ ଏଜେନ୍ସି- ଏନ୍ଟିଏ ତର୍ଫୁ ଯୋଜ୍ନା କରାଯାଇଛେ । ଏପ୍ରିଲ୍ ୨ ନୁ ୯ ତାରିଖ୍ ଜେଇଇ ମେନ୍ ସେସନ୍ -୨ ପରୀକ୍ଷା ହେବା ବଲି ଏନ୍ଟିଏ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ବିଶ୍ୱ ଆଦ୍ରଭୂମି ଦିବସ୍          ଆର୍ଏନ୍ୟୁ/ ସମ୍ବଲପୁର

ଆଦ୍ରଭୂମି ଆର୍ ଉପକାରିତା ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଉଦ୍ଦେଶ୍ଥି ଫି’ ବଛର୍ ଆଝିର୍ ଦିନ୍କେ ବିଶ୍ୱ ଆଦ୍ର ଭୂମି ଦିବସ୍ ଭାବେ

ପାଲନ୍ କରାଯାଉଛେ । ଇ ବଛରର୍ ଆଜିର୍ ଦିବସ୍‌ର ବାର୍ତା ହେଉଛେ, 'ଆଦ୍ର ଭୂମି ଆଉ ପାରମ୍ପାରିକ୍ ଜ୍ଞାନ୍:ସାଂସ୍କୃତିକ୍ ଐତିହ୍ୟ ପାଲନ୍' ।

ପୁସ୍ତକମେଳା ଉଦ୍‌ଯାପିତ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରୀ ବିର୍ସାମୁଣ୍ଡା ପଡ଼ିଆ ନ ଗଲା ଜାନୁଆରୀ ୨୪ ତାରିଖ୍‌ନୁ ମୁଲ୍ ହେଇଥିବା ପୁସ୍ତକ ମେଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମହାନଗର୍ ନିଗମ୍ ଆୟୁକ୍ତ ରେହାନ୍ କ୍ଷେତ୍ରୀ, ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ବିଶିଷ୍ଟ ସମ୍ବଲ୍‌ପୁରୀ ଭାଷା, ସାହିତ୍ୟ ସାଧକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ସେତୁ ସମ୍ମାନ୍‌ଥି ସମ୍ମାନିତ୍ କରାଯାଇଥିଲା । ଇତାର୍‌ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତିବିଶେଷ୍ ଆଉ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ପ୍ରଧାନ୍ ଶିକ୍ଷକ୍ - ବୈଠକ୍        କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତର୍‌ଫୁ ଭବାନୀପାଟ୍‌ନା ଟାଉନ୍‌ହଲ୍ ନ ଜିଲ୍ଲାର୍ ସବୁ ମାଧ୍ୟମିକ୍ ବିଦ୍ୟାଳୟର୍ ପ୍ରଧାନ୍ ଶିକ୍ଷକ୍,

ଶିକ୍ଷୟିତ୍ରୀମାନ୍‌କୁ ନେଇକରି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍ ତନ୍ମୟ ଦର୍‌ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଆଏବା ମେଟ୍ରିକ୍ ପରୀକ୍ଷାଥି ଭଲ୍ ଫଲାଫଲ୍, ବିଦ୍ୟାଳୟ ପରିଚାଲନା, ଆକାଂକ୍ଷୀ ପାଠ୍ୟକ୍ରମ୍, ମଧ୍ୟାହ୍ନ ଭୋଜନ୍ ସୁପରିଚାଲନା, ନୂଆଁ ପଢ଼ା ବହି ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପର୍ଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୩-୪ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।